# ନିବିଡ଼ି ଆସିବାରେ[1]

ଆଉ ଟିକିଏ
ନିଃଶ୍ୱାସ ପରି
ନିବିଡ଼ତର ହୁଅ ଯେ
ମାଟିର ଗର୍ଭରେ ଜନ୍ମ ନେଉ
ଏକ ନିରୀହ ଅରଣ୍ୟର
ସବୁଜ ଛାତି,
ଧ୍ୟାନସ୍ଥ ହୋଇଯାଉ
ଗଛର ନିଷ୍ଟୁପତାରେ
ଅସ୍ଥିର ଅସ୍ତିତ୍ୱ
ଆଉ ବଂଶୀର ସ୍ୱରରେ
ଦୁଲୁକି ଯାଉ
ଆତ୍ମା ଓ ହୃଦୟ।।

ଆସ, ଦୁଲୁକୁ ଥିବା
ପ୍ରତ୍ୟୟମାନଙ୍କୁ
ସାଉଁଟି ଆଣିବା
ବିଷରୁ ନିଆଁରୁ
କ୍ରୋଧ ହିଂସା ଏବଂ
ପାପମାନଙ୍କର
ଅନ୍ତହୀନ ଗୁଂଫାରୁ।।

ଜାଣିଛ ତ
ଏମିତି ନିବିଡ଼ି ଆସିବାରେ ହିଁ
ଗୋଟାଏ ଯାଯାବର
ଦିନେ ପାଲଟି ଯାଇଥିଲା ବୁଦ୍ଧ !!

---

[1] ସପ୍ତର୍ଷି–ଜାନୁଆରୀ–୨୦୦୦